# ନିଯୁକ୍ତି ମେଳା, ଝାରସୁଗୁଡ଼ା ୨୦୨୨-୨୩
# ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା

ସମୟ ସକାଳ ୯ ଘଟିକାରୁ ୪ ଘଟିକା, ତା.୦୧-୧୨-୨୦୨୨ ରିଖ

ସ୍ଥାନ - ସରକାରୀ ଶିଳ୍ପତାଲିମ ଅନୁଷ୍ଠାନ, ଝାରସୁଗୁଡ଼ା (**Govt. ITI, Jharsuguda**)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(**OSDA**) ଏବଂ ଜିଲ୍ଲା ପ୍ରଶାସନ, ଝାରସୁଗୁଡ଼ା ମିଳିତ ଆନୁକୂଲ୍ୟରେ ଆସନ୍ତା ତା.୦୧.୧୨.୨୦୨୨ ରିଖ (ଗୁରୁବାର ଦିନ) ସରକାରୀ ଶିଳ୍ପତାଲିମ ଅନୁଷ୍ଠାନ, ଝାରସୁଗୁଡ଼ା (**Govt. ITI, Jharsuguda**) ପରିସରରେ ଝାରସୁଗୁଡ଼ା ଜିଲ୍ଲା ତଥା ଝାରସୁଗୁଡ଼ା ଜିଲ୍ଲାର ଖଣି ପ୍ରଭାବିତ ବେରୋଜଗାର ଯୁବକ ଯୁବତୀ ମାନଙ୍କ ପାଇଁ ଏକ ନିଯୁକ୍ତିମେଳାର ଆୟୋଜନ କରାଯାଉଛି ।

ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ତଥା ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ ଯୋଗଦେବେ । କେତେକ କମ୍ପାନୀରେ ସିଧା ସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗୀକାର ବଦ୍ଧ । ସୁତରାଂ ଝାରସୁଗୁଡ଼ା ଜିଲ୍ଲାର ଚାକିରୀ ଅନ୍ୱେଷଣରେ ଥିବା ଦଶମ ଶ୍ରେଣୀ ଫେଲ୍, ଦଶମ ଶ୍ରେଣୀ ପାସ୍, +୨ ପାସ୍, **ITI** ପାସ୍, **Diploma** ଓ **Degree** ଧାରୀ ବେରୋଜଗାର ଯୁବକ/ଯୁବତୀ ମାନେ ନିଜର ଶିକ୍ଷାଗତ ଯୋଗ୍ୟତା, ବାସିନ୍ଦା ପ୍ରମାଣ ପତ୍ର, ଜାତି ପ୍ରମାଣ ପତ୍ର, ଆଧାର କାର୍ଡ, ପାସ୍‌ପୋର୍ଟ ସାଇଜ୍‌ର ଫଟୋଗ୍ରାଫ ସହିତ ଉକ୍ତ ନିଯୁକ୍ତ ମେଳାରେ ଯୋଗ ଦେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

ସ୍ୱା -
ଜିଲ୍ଲା ନିଯୋଜନ ଅଧିକାରୀ, ଝାରସୁଗୁଡା

ସ୍ୱା -
ଜିଲ୍ଲାପାଳ, ଝାରସୁଗୁଡା